# The Orissa Gazette

**EXTRAORDINARY**

**PUBLISHED BY AUTHORITY**

**No. 1819 CUTTACK, TUESDAY, DECEMBER 26, 2006 / PAUSA 5, 1928**

## ରାଜ୍ୟ ନିର୍ବାଚନ କମିଶନ, ଓଡ଼ିଶା, ଭୁବନେଶ୍ୱର

## ଆଦେଶ

ତାରିଖ ୨୬ ଡିସେମ୍ବର ୨୦୦୬

ସଂଖ୍ୟା ୫୪୧୩ –ରା. ନି. ଆ.–ଯେହେତୁ, ସମସ୍ତ ତ୍ରି-ସ୍ତରୀୟ ପଞ୍ଚାୟତ ଅନୁଷ୍ଠାନର ନିର୍ବାଚନ ଅଧିକ୍ଷଣ, ନିର୍ଦ୍ଦେଶନାମା ଓ ନିୟନ୍ତ୍ରଣ କ୍ଷମତା ଭାରତ ସମ୍ବିଧାନର ଧାରା ୨୪୩-କେ ରେ ରାଜ୍ୟ ନିର୍ବାଚନ ଆୟୋଗଙ୍କ ଉପରେ ନ୍ୟସ୍ତ କରାଯାଇଅଛି ;

ଯେହେତୁ, ରାଜ୍ୟ ନିର୍ବାଚନ ଆୟୋଗ ଏହା ପୂର୍ବରୁ ରାଜ୍ୟ ସରକାରଙ୍କୁ ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ, ୧୯୬୪, ଓଡ଼ିଶା ପଞ୍ଚାୟତ ସମିତି ଆଇନ, ୧୯୫୯ ଏବଂ ଓଡ଼ିଶା ଜିଲ୍ଲା ପରିଷଦ ଆଇନ, ୧୯୯୧ରେ ଆବଶ୍ୟକୀୟ ସଂଶୋଧନ ପ୍ରସ୍ତାବ ବିଧାନ ସଭାରେ ଗୃହୀତ କରାଇ ନିର୍ବାଚନ ଖର୍ଚ୍ଚର ସୀମା ନିର୍ଦ୍ଧାରଣ କରିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ;

ଯେହେତୁ, ଅଦ୍ୟାବଧି ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ, ୧୯୬୪, ଓଡ଼ିଶା ପଞ୍ଚାୟତ ସମିତି ଆଇନ, ୧୯୫୯ ଏବଂ ଓଡ଼ିଶା ଜିଲ୍ଲା ପରିଷଦ ଆଇନ, ୧୯୯୧ ମାନଙ୍କରେ ନିର୍ବାଚନ ଖର୍ଚ୍ଚର ସୀମା ନିର୍ଦ୍ଧାରଣ ପରି କୌଣସି ବ୍ୟବସ୍ଥା ହୋଇ ନାହିଁ ;

ଯେହେତୁ, ରାଜ୍ୟ ନିର୍ବାଚନ ଆୟୋଗ ହୃଦବୋଧ କରନ୍ତି ଯେ ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ନିମନ୍ତେ ସରପଞ୍ଚ, ପଞ୍ଚାୟତ ସମିତି ସଦସ୍ୟ ଓ ଜିଲ୍ଲା ପରିଷଦ ସଦସ୍ୟ ପାଇଁ ପ୍ରାର୍ଥୀମାନଙ୍କର ନିର୍ବାଚନ ଖର୍ଚ୍ଚର ସୀମା ନିର୍ଦ୍ଧାରିତ ହେବା ଉଚିତ୍ ;

ଯେହେତୁ, ଜନ ପ୍ରତିନିଧି ଆଇନ, ୧୯୫୧ର ଧାରା ୭୭ରେ ବିଧାନ ସଭା ଓ ଲୋକ ସଭା ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନଙ୍କର ନିର୍ବାଚନ ଖର୍ଚ୍ଚ ଓ ତାହାର ସୀମା ସଂକ୍ରାନ୍ତରେ ବ୍ୟବସ୍ଥା ଅଛି ;

ଯେହେତୁ, ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ, ୧୯୬୪ର ଧାରା ୨୭ (୩), ଓଡ଼ିଶା ପଞ୍ଚାୟତ ସମିତି ଆଇନ, ୧୯୫୯ର ଧାରା ୧୬-ବି (୨) ଏବଂ ଓଡ଼ିଶା ଜିଲ୍ଲା ପରିଷଦ ଆଇନ, ୧୯୯୧ର ଧାରା ୬ (୪) (ବି) ରେ ବ୍ୟବସ୍ଥା ଅଛି ଯେ ନିର୍ବାଚନ ସଂକ୍ରାନ୍ତୀୟ କୌଣସି ପ୍ରସଙ୍ଗରେ ଯଦି ଉପରୋକ୍ତ ଆଇନ ଓ ନିୟମାବଳୀମାନଙ୍କରେ କୌଣସି ବ୍ୟବସ୍ଥା ନଥାଏ, ତାହାହେଲେ ଜନ ପ୍ରତିନିଧି ଆଇନ, ୧୯୫୧ର ଆବଶ୍ୟକୀୟ ପରିବର୍ତ୍ତନ ସହ ଅବାଧ ଓ ସ୍ୱଚ୍ଛ ନିର୍ବାଚନ ପାଇଁ ପ୍ରଯୁଜ୍ୟ ହେବ ;

ତେଣୁ ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ, ୧୯୬୪, ଓଡ଼ିଶା ପଞ୍ଚାୟତ ସମିତି ଆଇନ, ୧୯୫୯ ଓ ଓଡ଼ିଶା ଜିଲ୍ଲା ପରିଷଦ ଆଇନ, ୧୯୯୧ ଓ ତତ୍‌ଅନ୍ତର୍ଗତ ନିୟମାବଳୀମାନଙ୍କରେ ନିର୍ବାଚନ ଖର୍ଚ୍ଚ ଓ ତାହାର ସୀମା ନିର୍ଦ୍ଧାରଣ ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ରାଜ୍ୟ ନିର୍ବାଚନ ଆୟୋଗ ସମ୍ବିଧାନର ଧାରା ୨୪୩-କେ ରେ ପ୍ରଦତ୍ତ କ୍ଷମତା ଅନୁସାରେ ନିର୍ଦ୍ଦେଶ ଦିଅନ୍ତି ଯେ, ଜିଲ୍ଲା ପରିଷଦ ସଦସ୍ୟ,

ପଞ୍ଚାୟତ ସମିତି ସଦସ୍ୟ ଓ ସରପଞ୍ଚ ପଦବୀ ପାଇଁ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନଙ୍କର ନିର୍ବାଚନ ଖର୍ଚ୍ଚ ନିମ୍ନ ପ୍ରକାରେ ସୀମାବଦ୍ଧ ରହିବ :—

| | | |
|---|---|---|
| **ଜିଲ୍ଲା ପରିଷଦ ସଦସ୍ୟ** | .. | **୭୫,୦୦୦ ଟଙ୍କା** |
| **ପଞ୍ଚାୟତ ସମିତି ସଦସ୍ୟ** | .. | **୩୦,୦୦୦ ଟଙ୍କା** |
| **ସରପଞ୍ଚ** | .. | **୩୦,୦୦୦ ଟଙ୍କା** |

ସରପଞ୍ଚ, ପଞ୍ଚାୟତ ସମିତି ସଦସ୍ୟ ଏବଂ ଜିଲ୍ଲା ପରିଷଦ ସଦସ୍ୟ ପଦବୀ ପାଇଁ ପ୍ରତିଯୋଗୀ ପ୍ରାର୍ଥୀମାନେ ନିର୍ବାଚନ ଖର୍ଚ୍ଚର ହିସାବ ରଖିବେ ଯାହାକି ନିର୍ବାଚନ ପ୍ରକ୍ରିୟା ସମୟରେ ନିର୍ବାଚନ ପର୍ଯ୍ୟବେକ୍ଷକ (ଖର୍ଚ୍ଚ)ଙ୍କ ଦ୍ୱାରା ଅନୁଧ୍ୟାନ ଓ ତଦାରଖ କରାଯାଇ ପାରିବ ।

ସରପଞ୍ଚ ଏବଂ ପଞ୍ଚାୟତ ସମିତି ପ୍ରାର୍ଥୀମାନେ ସେମାନଙ୍କର ନିର୍ବାଚନ ସଂକ୍ରାନ୍ତୀୟ ସମସ୍ତ ଖର୍ଚ୍ଚର ହିସାବ ନିର୍ବାଚନ ଫଳ ଘୋଷଣାର ଏକ ମାସ ମଧ୍ୟରେ ସଂପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦାଖଲ କରିବେ । ଜିଲ୍ଲା ପରିଷଦ ସଦସ୍ୟ ପାଇଁ ପ୍ରତ୍ୟେକ ପ୍ରାର୍ଥୀ ତାଙ୍କର ନିର୍ବାଚନ ଖର୍ଚ୍ଚର ହିସାବ ନିର୍ବାଚନ ଫଳ ଘୋଷଣାର ଏକ ମାସ ମଧ୍ୟରେ ଜିଲ୍ଲାପାଳଙ୍କ ପାଖରେ ଦାଖଲ କରିବେ । ପ୍ରାର୍ଥୀମାନେ ନିର୍ବାଚନ ଖର୍ଚ୍ଚର ବିବରଣୀ ଆୟୋଗଙ୍କ ଦ୍ୱାରା ନିର୍ଦ୍ଧାରିତ ଫାରମରେ ସଂପୃକ୍ତ ଜିଲ୍ଲାପାଳ ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦେବେ । ଏହି କ୍ଷମତା ପ୍ରାପ୍ତ ଅଧିକାରୀମାନଙ୍କୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କୌଣସି ପ୍ରାର୍ଥୀ ନିର୍ବାଚନ ଖର୍ଚ୍ଚର ବିବରଣୀ ଦେବାର ଖିଲାପ କଲେ ତାହା ନିର୍ବାଚନ ଭ୍ରଷ୍ଟାଚାର ବୋଲି ଧରାଯିବ ।

ଏହି ଆଦେଶ ତତ୍‌କ୍ଷଣାତ୍ କାର୍ଯ୍ୟକାରୀ ହେବ ।

ରାଜ୍ୟ ନିର୍ବାଚନ କମିଶନଙ୍କ ଆଦେଶକ୍ରମେ

**ଫକୀର ଚରଣ ଶତପଥୀ**

ସଚିବ

Printed and published by the Director, Printing, Stationery and Publication, Orissa, Cuttack-10
1442-Ex. Gaz. 193+1000